**୧୩ ଛାତ୍ରୀଛାତ୍ର ଅନୁପସ୍ଥିତ**

କାଳିଆପାଣି,(ଅସିତ ମହାନ୍ତ): ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଶ୍ରମଶକ୍ତି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ କାଳିଆପାଣି ହାଇସ୍କୁଲ, ସୌରିକ ହାଇସ୍କୁଲ ଓ ନବଘନ ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଏଥିରେ ୧୮୯ ଛାତ୍ରୀଛାତ୍ର ପରୀକ୍ଷାଦେବାକୁ ଥିବାବେଳେ ୧୩ ଜଣ ଅନୁପସ୍ଥିତ ରହିଛନ୍ତି।



## ସଂକ୍ଷେପରେ

### ପୂର୍ବତନ ସରପଞ୍ଚ ବୈକୁଣ୍ଠ ପଣ୍ଡାଙ୍କ ପରଲୋକ



ଚଣ୍ଡିଖୋଲ,୧୯।୨(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତରୁ ୩ଥର ସରପଞ୍ଚ ହୋଇ ରେକର୍ଡ କରିଥିବା ପୂର୍ବତନ ସରପଞ୍ଚ ତଥା ସାହସପୁର ମହାବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ବୈକୁଣ୍ଠ ନାଥ ପଣ୍ଡା(୯୩)ଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ସେ କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଘରେଥିଲେ। ବୈକୁଣ୍ଠ ବିଜୁବାବୁଙ୍କ ସହ ମିଶି ଅଣ କଂଗ୍ରେସ ରାଜନୀତି କରୁଥିଲେ। ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳୀୟ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ସହ ଜଣେ ଦକ୍ଷ ସାମାଜିକ କର୍ମୀ ଭାବେ ପରିଚିତ ହୋଇଥିଲେ। ଯାଜପୁର ଜିଲାର ଶ୍ରେଷ୍ଠ ସରପଞ୍ଚ ପୁରସ୍କାର ଲାଭ କରିଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ, କୈଳାସ ଚନ୍ଦ୍ର ରାଉତ, ରାଜକିଶୋର ଜେନା, କଂଗ୍ରେସ ନେତା ଅଜୟ ସାମଲ, ବିଶ୍ୱପ୍ରକାଶ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶାରଦା ମହାନ୍ତି, ଦିଲୀପ ସାମଲ, ରଣଜିତ ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି, ସେକ ମୋଇନ ଅହମ୍ମଦ, ପଞ୍ଚାନନ ଧଳ, ଅମୀୟ କୁମାର ସାହାଣୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯିବା ବାଟରେ ଭୁବନେଶ୍ୱରଠାରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଫନିନ୍ଦ୍ର ପଣ୍ଡା ମୁଖାଗ୍ନି ଦେଇଥିଲେ। ବୈକୁଣ୍ଠଙ୍କ ବିୟୋଗରେ ବିଧାୟକ ଅମର ନାୟକ ଓ ବିଜେଡି ନେତା ରାଜନାରାୟଣ ମହାପାତ୍ର ଶୋକ ପ୍ରକାଶ କରିଛନ୍ତି।

# ୬ ବର୍ଷ ପରେ ୧୭ ଗ୍ରାମରେ ପହଞ୍ଚିଲା ପାଣି

### ବଡ଼ଚଣା ବ୍ଲକ୍‌ରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ

ଚଣ୍ଡିଖୋଲ,୧୯।୨(ପ୍ରଦୀପ୍ତ କୁମାର ପୃଷ୍ଟି): ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଲେ ଜଳର ସମସ୍ୟା ଦେଖାଦିଏ। ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଗ୍ରୀଷ୍ମ ଋତୁରେ ଅଧିକ ରହେ। ତେଣୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ୪୩ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ୨୦୨୦ରେ ଘରେଘରେ ଟ୍ୟାପ ମାଧ୍ୟମରେ ପାଣି ଯୋଗାଇ ଦେବାକୁ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭର ୬ବର୍ଷ ପରେ ୩ ପଞ୍ଚାୟତ ରାଧାଦେଇପୁର, ଅରଖପୁର ଓ ବଡ଼ଘୁମୁରିର ୧୭ ଗ୍ରାମକୁ ପ୍ରଥମ ପର୍ଯ୍ୟାୟରେ ପାଇପଯୋଗେ ପାଣି ପହଞ୍ଚିଛି। ଉକ୍ତ ୩ ପଞ୍ଚାୟତର ଜଗନ୍ନାଥପୁର, ବିଦ୍ୟାଧରପୁର, ଉଦୟନଗର, ଦିଗମ୍ବରପୁର, ଉଲୁରୀ, ଠାକୁରପାଟଣା, ରାଧାଦେଇପୁର, ବାଙ୍ଗରମୁଠା, ଲୀଳାମ୍ବପୁର, ହରିଚନ୍ଦନପୁର, ଖଇରାପାଟଣା, ଶକୁନ୍ତଳାପୁର, ପାଇକରାପୁର, ଭୁବନପୁର, ବଡ଼ଘୁମୁରୀ, ହରିଅଂଶ ପାଟଣା, ପୁରୁଷୋତ୍ତମପୁର ଆଦି ଗ୍ରାମରେ ଗୁରୁବାର ଶୁଦ୍ଧ ପାନୀୟ



ଟ୍ୟାପ୍ ପାଣିକୁ ପରୀକ୍ଷା କରୁଛନ୍ତି ଅଧିକାରୀ।

ଜଳ ଯୋଗାଣ ହୋଇ ସାରିଥିବା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଆସନ୍ତା ଜୁନ ଶେଷ ସୁଦ୍ଧା ବ୍ଲକର ସମସ୍ତ ଘରେ ଟ୍ୟାପ ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହିତ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ୫୦ ପ୍ରତିଶତ ଗ୍ରାମରେ ପାନୀୟ ଜଳ ଯୋଗାଣ ହୋଇଯିବ ବୋଲି ସେ କହିଛନ୍ତି। କେବଳ କୁନ୍ଦଳ ଓ କୃଷ୍ଣଦାସପୁର ଛକରେ ଜାତୀୟ ରାଜପଥ ନିର୍ମାଣ ଜନିତ ସମସ୍ୟା ରହିଛି। ଖୁବଶୀଘ୍ର ଏହାର ସମାଧାନ କରାଯିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସହିତ ଆଲୋଚନା ସରିଛି। ମାର୍ଚ୍ଚ ମାସ ସୁଦ୍ଧା ଜମି ସମସ୍ୟା ମଧ୍ୟ ସମାଧାନ ହୋଇଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବ୍ଲକ ଅନ୍ତର୍ଗତ ରାଧାଦେଇପୁର ପଞ୍ଚାୟତ ଦେଇ ପ୍ରବାହିତ ଗେଙ୍ଗୁଟି ନଦୀରୁ ସମସ୍ତ ଘରେ ପାଣି ପହଞ୍ଚିବ ବୋଲି ଘୋଷଣା କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ୨୦୨୩ ମାର୍ଚ୍ଚ ସୁଦ୍ଧା ସରିବ ବୋଲି ଆକଳନ କରାଯାଇଥିଲା। ହେଲେ କାର୍ଯ୍ୟ ବିଳମ୍ବ ହୋଇଥିଲା। ବିଧାୟକ ଅମର କୁମାର ନାୟକଙ୍କ ପ୍ରଚେଷ୍ଟା କ୍ରମେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାୟକ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ କାର୍ଯ୍ୟ ଶେଷ କରି ପାନୀୟ ଜଳ ଯୋଗାଇବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ମଙ୍ଗଳବାର ଯାଜପୁର ଜିଲାପାଳ ଅମ୍ବର କୁମାର କର ମେଗା ଜଳ ଯୋଗାଣ ପ୍ରକଳ୍ପର ଠିକା ସଂସ୍ଥା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଡାକି ଗ୍ରୀଷ୍ମ ଦିନ ପୂର୍ବରୁ କାର୍ଯ୍ୟଶେଷ କରି ପାଣି ଯୋଗାଣ ପାଇଁ ନିର୍ଦ୍ଦେଶ ଦେବାପରେ ବୁଧବାର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ପାନୀୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ପଣ୍ଡା, ସର୍ବେଶ୍ୱର ଜେନା, ଠିକା ସଂସ୍ଥା ପକ୍ଷରୁ ପ୍ରତ୍ୟୁଷ ପଣ୍ଡା, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ତରଫରୁ ମନ୍ମଥ କେଶରୀ ସ୍ୱାଇଁଙ୍କ ସମେତ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ବିଭିନ୍ନ ସ୍ଥାନ ଗସ୍ତ କରି ଜାତୀୟ ରାଜପଥ ସମସ୍ୟା, ପାଇପଲାଇନ ବିଛାଇବା ସମସ୍ୟାର ସମାଧାନ ଦିଗରେ ଅନୁଧ୍ୟାନ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରି ଯୁବକ ଗିରଫ

ବ୍ରହ୍ମବରଦା,୧୯।୨ (ଯଯାତି କେଶରୀ ବେହେରା): ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ବ୍ରହ୍ମବରଦା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଖାଲପଡ଼ା ପଞ୍ଚାୟତସ୍ଥିତ କାକୁଡ଼ିକୁଦ ଗ୍ରାମର ଅକ୍ଷୟ ସାହୁ(୨୭)। ଅକ୍ଷୟ ବୁଧବାର ଏକ ଅଷ୍ଟପ୍ରହର ଉତ୍ସବରେ ଖାଦ୍ୟ ପରିବେଷଣ ପାଇଁ ଯାଇଥିଲେ। ସେଠାରେ ଜଣେ ନାବାଳିକାଙ୍କୁ ଏକ ନିଛାଟିଆ ଘରକୁ ନେଇ ବଳତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କ ପାଟି ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଗ୍ରାମବାସୀ ଅକ୍ଷୟଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ନଂ.୨୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ମାତୃଭାଷା ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ର

### ୫ ମିନିଟ୍ ବିଳମ୍ବ ଯୋଗୁ ମିଳିଲାନି ପ୍ରବେଶ ଅନୁମତି

ବ୍ରହ୍ମବରଦା,୧୯।୨ (ଯଯାତି କେଶରୀ ବେହେରା): ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ଯାଜପୁର ଜିଲା ରସୁଲପୁର ବ୍ଲକ୍ ବନ୍ଧଡ଼ିହ କ୍ଲଷ୍ଟର ଅଧୀନ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦନ ଦାସ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ପାଇଁ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଦର୍ଶନ ହାଇସ୍କୁଲ କୁଣ୍ଡପାଟଣାର ସେଣ୍ଟର ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଥିଲା। ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦନ ୧୭ ତାରିଖ ମଙ୍ଗଳବାର ସରକାରଙ୍କ ତରଫରୁ ବଣ୍ଟନ କରାଯାଇଥିବା ଫାଇଲେରିଆ ଔଷଧ ସେବନ କରିଥିଲେ। ଫଳରେ ତାଙ୍କୁ ଅତ୍ୟଧିକ ନିଦ୍ରା ଏବଂ ମୁଣ୍ଡ ବୁଲାଉଥିବା ହେତୁ ସେ ପରୀକ୍ଷା କେନ୍ଦ୍ରକୁ ୫ମିନିଟ ବିଳମ୍ବରେ ଅର୍ଥାତ ୯ଟା୩୫ରେ ପହଞ୍ଚିଥିଲେ। ପରୀକ୍ଷା କେନ୍ଦ୍ରର ଫାଟକ ବନ୍ଦ ହୋଇଯାଇଥିବା ହେତୁ ସେ ଫାଟକ ସମ୍ମୁଖରେ ଛିଡ଼ା ହୋଇ ରହିଥିଲେ। ପରୀକ୍ଷା କେନ୍ଦ୍ରର ପର୍ଯ୍ୟବେକ୍ଷକ କ୍ଷେତ୍ରବାସୀ ସାମଲ କାହିଁକି ବିଳମ୍ବରେ ଆସି ପହଞ୍ଚିଲ, ତୁମକୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ନିଷେଧ ବୋଲି କହିଥିଲେ। ପରୀକ୍ଷା କେନ୍ଦ୍ର ଫାଟକ ସମ୍ମୁଖରେ ଚନ୍ଦନ ଠିଆ ହୋଇ ବହୁ ଗୁହାରୀ କରିଥିଲେ ସୁଦ୍ଧା ତାଙ୍କୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାକୁ ଅନୁମତି ମିଳି ନ ଥିଲା। ପରୀକ୍ଷା ସରିବାପରେ ଚନ୍ଦନଙ୍କ ମା' ଏବଂ କେତେଜଣ ଗ୍ରାମବାସୀ ଆସି କାହିଁକି ପ୍ରବେଶ ପାଇଁ ପର୍ଯ୍ୟବେକ୍ଷକ ଅନୁମତି ଦେଲନାହିଁ ବୋଲି ପ୍ରଶ୍ନ କରିଥିଲେ। ନିୟମ ଅନୁଯାୟୀ ୯ଟା୩୦ମିନିଟ ପରେ କୌଣସି ପରୀକ୍ଷାର୍ଥୀଙ୍କୁ କେନ୍ଦ୍ରକୁ ପ୍ରବେଶ ନିଷେଧ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଫୋନ ଯୋଗେ ପଚାରିବାରୁ ସେ ପ୍ରବେଶ ଅନୁମତି ନାହିଁ ବୋଲି କହିଥିବା ପର୍ଯ୍ୟବେକ୍ଷକ ସାମଲ ପ୍ରକାଶ କରିଥିଲେ। ଏନେଇ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହେଉଛି। ୯ଟା୩୦ମିନିଟ ପର୍ଯ୍ୟନ୍ତ ପ୍ରବେଶ ଅନୁମତି ରହିଛି ଏବଂ ତା' ପରେ ଅନୁମତି ନାହିଁ। ତେବେ ଏହି ଘଟଣାକୁ ନେଇ ଛାତ୍ରଙ୍କ କେତେଜଣ ଗ୍ରାମବାସୀ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ପାଇଁ ପରୀକ୍ଷା କେନ୍ଦ୍ର ପରିସରରେ ଚାପାଉତ୍ତେଜନା ସୃଷ୍ଟି ହୋଇଥିଲା। ବ୍ରହ୍ମବରଦା ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓ, ପୂର୍ବତନ ସରପଞ୍ଚ ବିଜୟ ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୁଲଫିକର ଅଲ୍ଲି ଖାଁ, ଅମୂଲ୍ୟ ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରଙ୍କୁ ପୁଣିଥରେ ପରୀକ୍ଷା ଦେବାକୁ ଅନୁମତି ପ୍ରଦାନ କରିବାକୁ କହିଥିଲେ।

# ପରୀକ୍ଷା ଦେବାକୁ ୨୫ କି.ମି. ଗଲେ ଛାତ୍ରୀଛାତ୍ର

କାଳିଆପାଣି,୧୯।୨(ଅସିତ ମହାନ୍ତ): ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ଶ୍ରମଶକ୍ତି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ୨୫ କି.ମି. ଦୂର ମହାଗିରି ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଯାଇଛନ୍ତି। ଫଳରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ସ୍କୁଲ କମିଟି ସଭାପତି ରଞ୍ଜନ ନାୟକ ଓ ଅଭିଭାବକ ଅଭିଯୋଗ କରିଛନ୍ତି।

ହାଇସ୍କୁଲର ୪୧ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାକୁ ଫର୍ମ ଫିଲଫ କରିଥିଲେ। ପରୀକ୍ଷା କେନ୍ଦ୍ର ସ୍କୁଲଠାରୁ ୧୫କି.ମି. ଦୂର ହୋଇଥିବାବେଳେ ଛାତ୍ରୀଛାତ୍ରଙ୍କ ଘରଠାରୁ ୨୫ରୁ ୩୦ କି.ମି. ଦୂର ହେଉଛି। ପ୍ରତି ବର୍ଷ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ଟାଟା ପକ୍ଷରୁ ଏକ ବସ ସେବା ଯୋଗାଇ ଦିଆଯାଏ। ମାତ୍ର ଚଳିତ ବର୍ଷ ଟାଟା କମ୍ପାନୀ ପକ୍ଷରୁ ଏହି ସୁବିଧା ଯୋଗାଇ ଦିଆଯାଇନାହିଁ। ତେଣୁ ଛାତ୍ରୀଛାତ୍ରଙ୍କୁ ଅଭିଭାବକ ପରୀକ୍ଷା କେନ୍ଦ୍ରକୁ ନେବାକୁ ଅକ୍ଷମ ହୋଇଥିଲେ। ଯଥା ସମ୍ଭବ ଅଭିଭାବକ ନିଜ ନିଜ ଦାୟିତ୍ୱରେ ପିଲାଙ୍କୁ ନେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ମାଙ୍କେଡ଼ିଆ ସମ୍ପ୍ରଦାୟର ଛାତ୍ରୀ ବିଜୁଳି ମାଙ୍କେଡିଆ ପରୀକ୍ଷା ଦେଉଥିବାବେଳେ ସେ ପରୀକ୍ଷା କେନ୍ଦ୍ରକୁ ଯିବା ପାଇଁ ଅକ୍ଷମଥିଲେ। ମାତ୍ର ପାଠ ପଢୁଥିବାରୁ ଛାତ୍ରୀ ଜଣକ ପରୀକ୍ଷା ଦେବାକୁ ଜିଦି କରିଥିଲେ। ଫଳରେ ବିଜୁଳିଙ୍କ ବାପା ଗାଡ଼ି ଭଡ଼ା କରି ତାଙ୍କୁ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ। ପରୀକ୍ଷା ଦେବାକୁ ଫର୍ମ ଫିଲପ କରିଥିବା ୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରୀକ୍ଷା କେନ୍ଦ୍ରରେ ସମ୍ପୃକ୍ତ ସ୍କୁଲର ପ୍ରତିନିଧି ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ସ୍କୁଲ କମିଟି ସଭାପତି ନାୟକ କହିଛନ୍ତି, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ପରିଚାଳନା ତ୍ରୁଟି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅସୁବିଧାରେ ପକାଉଛି। ଏନେଇ ପ୍ରଧାନଶିକ୍ଷୟିତ୍ରୀ ଦୀପା ବଲାଙ୍କୁ ପଚାରିବାରୁ ସେ କହିଥିଲେ, ପିଲାଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବାପାଇଁ ଡିଇଓଙ୍କ ଅଫିସରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ତେଣୁ ଆମେଯାଇନାହୁଁ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଲତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଡାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଲ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**, U L Irr. Sub-Div. No-II, Belpada
**Sd./- Asst. Executive Engineer**, U L Irr. Sub-Div. No-II, Belpada
**Sd./- Executive Engineer**, Upper Lanth Irr.Division, Belpada
Spl. Land Acquisition & Rehabilitation Officer, ULIP, Belpada

OIPR-32001/32557/3/25-26/0003

# ବିଦ୍ୟାଳୟରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଯାଜପୁର ସଦର,୧୯।୨ (ସମର ବିଜୟ ଶରଣ): ଯାଜପୁର ଜିଲା ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ସହଯୋଗରେ ହରିସାମନ୍ତ ଉଚ୍ଚ ବିଦ୍ୟାଳୟରେ ଶିଶୁଙ୍କ ଯୌନ ସୁରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।। ଏବେ ଯୌନ ଅପରାଧ ଓ କିଶୋରୀ ମାତୃତ୍ୱ ବଢ଼ିବାରେ ଲାଗିଛି। ଏସବୁକୁ ନିୟନ୍ତ୍ରଣ କରିବା ସହ ଶିଶୁ କିପରି ସୁରକ୍ଷା ବଳୟ ଭିତରେ ରହିପାରିବେ, ସେହି ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୁଚିକା ସମାଜ ମଙ୍ଗଳ ସଂଗଠନର ଜିଲା ସଂଯୋଜିକା ଶୁଭସ୍ମିତା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଶିଶୁ ସୁରକ୍ଷା ସମିତି ସଦସ୍ୟ ତପନ ପାତ୍ର ଶିଶୁ ଅଧିକାର ଓ ନିରାପତ୍ତା ବିଷୟରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷା ରେକ୍ସୋନା ଜେନା କିଶୋରୀ ମାତୃତ୍ୱର ପ୍ରଭାବ କିପରି ପଡୁଛି, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ କ୍ଷେତ୍ରରେ କ'ଣ ସମସ୍ୟା ସୃଷ୍ଟି ହେଉଛି, ସେ ସବୁ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଆଇନଜୀବୀ ପାର୍ଥସାରଥୀ ରାୟ ଶିଶୁ ଯୌନ ଅପରାଧ ଓ ଏହା ସମ୍ବନ୍ଧୀୟ ଆଇନ ବ୍ୟବସ୍ଥା ସମ୍ପର୍କରେ ଉଦାହରଣ ଦେଇ ବୁଝାଇଥିଲେ। ରୁଚିକା ସମାଜ ମଙ୍ଗଳ ସଂଗଠନର ଜିଲା ସଂଯୋଜିକା ମହାନ୍ତି କିପରି ଖେଳ ଓ ଚିତ୍ର ମାଧ୍ୟମରେ ଆମେ ପିଲାଙ୍କୁ କାଉନସେଲିଂ କରି ସେମାନଙ୍କ ଉପରେ ଘଟୁଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରିପାରିବା, ସେ ସବୁ ଉପରେ ଶିକ୍ଷୟିତ୍ରୀଶିକ୍ଷକ ଏବଂ ପିଲାଙ୍କ ସହ ଆଲୋଚନା କରିଥିଲେ। ହରିସାମନ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ସାମଲ ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସବୁବେଳେ ଏହି ଭଳି କାର୍ଯ୍ୟକ୍ରମ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ରୁଚିକାର ସଦସ୍ୟା ସ୍ୱର୍ଣ୍ଣମ ଋତୁପର୍ଣ୍ଣା ବଳ, ସୋନାଲି ସାହୁ, ସସ୍ମିତା ସାହୁ ଓ ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ୯୦ ଅନୁପସ୍ଥିତ, ପରୀକ୍ଷାଦେଲେ ୩,୨୭୫ ଛାତ୍ରୀଛାତ୍ର

### ଧର୍ମଶାଳା ବ୍ଲକରେ ମାଟ୍ରିକ୍ ପରୀକ୍ଷା

ଧର୍ମଶାଳା,୧୯।୨(ବଟକୃଷ୍ଣ ପରିଡ଼ା): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ ଧର୍ମଶାଳା ବ୍ଲକର ୧୯ଟି ପରୀକ୍ଷା କେନ୍ଦ୍ରରେ ୩,୩୬୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୨୭୫ ଜଣ ପରୀକ୍ଷା ଦେଇଛନ୍ତି। ୯୦ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ୩,୩୬୫ ରେଗୁଲାର ଓ ଏକ୍ସରେଗୁଲାର୍‌ଙ୍କ ମଧ୍ୟରୁ ୩,୦୯୫ଜଣ ପରୀକ୍ଷା ଦେଇଛନ୍ତି। ୫୨ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ମଧ୍ୟମାରେ ୧୨୫ଜଣଙ୍କ ମଧ୍ୟରୁ ୧୩ ଓ ମୁକ୍ତ ବିଦ୍ୟାଳୟର ୧୪୩ ଜଣଙ୍କ ମଧ୍ୟରୁ ୨୫ଜଣ ଅନୁପସ୍ଥିତ ଥିବା ଧର୍ମଶାଳା ବାଣୀପୀଠ ନୋଡାଲ ସେଣ୍ଟର ସୁପରିଟେଣ୍ଡେଣ୍ଟ ବାସୁଦେବ ରାଉଳ ସୂଚନା ଦେଇଛନ୍ତି।

ଆରୁହା ହାଇସ୍କୁଲରେ ୧୫୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତେ ପରୀକ୍ଷା ଦେଇଛନ୍ତି। ବାଘୁଆ ବ୍ରାହ୍ମଣୀଦେବୀ ହାଇସ୍କୁଲରେ ୧୯୧ଜଣଙ୍କ ମଧ୍ୟରୁ ୬, ବଳରାମପୁର ହାଇସ୍କୁଲରେ ୧୯୭ଜଣଙ୍କ ମଧ୍ୟରୁ ୨ଜଣ ଅନୁପସ୍ଥିତ ଥିଲେ। ଧର୍ମଶାଳା ବାଣୀପୀଠରେ ୧୫୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତେ ପରୀକ୍ଷା ଦେଇଥିଲେ। ଗୋପାଳଜୀଉ ହାଇସ୍କୁଲରେ ୧୩୬ରୁ ୫, ମହିଶରାସ୍ଥିତ ହିଙ୍ଗୁଳା ବିଦ୍ୟାପୀଠରେ ୧୫୭ଜଣଙ୍କ ମଧ୍ୟରୁ ୩, କୋତପୁରସ୍ଥିତ ଜାଗୁଲାଇ ହାଇସ୍କୁଲରେ ୧୭୯ ଜଣଙ୍କ ମଧ୍ୟରୁ ସମସ୍ତେ ପରୀକ୍ଷା ଦେଇଥିବାବେଳେ ମଧ୍ୟମାରେ ୬୪ରୁ ୧୨ଜଣ ଅନୁପସ୍ଥିତ ଥିଲେ। କାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲରେ ୧୭୪ଜଣଙ୍କ ମଧ୍ୟରୁ ୧, ମଧୁପୁରଗଡ଼ ହାଇସ୍କୁଲରେ ୧୬୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ ଅନୁପସ୍ଥିତ ଥିବାବେଳେ ୨୩ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ନୀଳସୁନ୍ଦର ହାଇସ୍କୁଲର ୧୩୧ ଜଣଙ୍କ ମଧ୍ୟରୁ ୧୩୧ଜଣ ପରୀକ୍ଷା ଦେଇଥିବାବେଳେ ରେଖିଦେଇପୁରସ୍ଥିତ ପଞ୍ଚାୟତ ହାଇସ୍କୁଲରେ ୧୪୯ ଜଣଙ୍କ ମଧ୍ୟରୁ ୪ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ଅଣ୍ଟିଆସ୍ଥିତ ପଞ୍ଚାୟତ ହିଙ୍ଗୁଳା ବିଦ୍ୟାପୀଠରେ ୧୪୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ ଓ ୪୦ ଜଣଙ୍କ ମଧ୍ୟରୁ ଜଣେ ମଧ୍ୟମା ପରୀକ୍ଷାର୍ଥୀ, ଶ୍ୟାମସୁନ୍ଦର ହାଇସ୍କୁଲରେ ୨୬୪ ଜଣଙ୍କ ମଧ୍ୟରୁ ୩, ବାଟିଯୋଡାସ୍ଥିତ ସ୍ୱପ୍ନେଶ୍ୱର ନୋଡାଲ ବିଦ୍ୟାପୀଠରେ ୧୪୭ଜଣଙ୍କ ମଧ୍ୟରୁ ୪, ନହଙ୍ଗାପାଟଣା ହାଇସ୍କୁଲରେ ୨୦୮ଜଣଙ୍କ ମଧ୍ୟରୁ ୪, ଜାରକା ହାଇସ୍କୁଲରେ ୧୭୫ଜଣଙ୍କ ମଧ୍ୟରୁ ୨, ଜେନାପୁରରେ ୧୮୧ଜଣଙ୍କ ମଧ୍ୟରୁ ୨ ଓ କବାଟବନ୍ଧର ୧୭୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଓ ଦାମୋଦର ବିଦ୍ୟାପୀଠ ମୁକ୍ତ ବିଦ୍ୟାଳୟର ୧୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫ ମୋଟ ୯୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ସୂଚନା ମିଳିଛି। ପରୀକ୍ଷାର୍ଥୀ ସକାଳ ୭ଟା୩୦ରେ ହଲରେ ପ୍ରବେଶ କରିଥିଲେ। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା୩୦ରେ ଶେଷ ହୋଇଥିଲା। ନୋଡାଲ ସେଣ୍ଟରରୁ ୪ ଟିମ ପୋଲିସ ଫୋର୍ସ ସୁରକ୍ଷାରେ ପ୍ରଶ୍ନପତ୍ର ନେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ସମସ୍ତ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଥିବା ଯାଜପୁର ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ସୂଚନା ଦେଇଛନ୍ତି।

# ୯୧ କେନ୍ଦ୍ରରେ ୨୦୫ ପରୀକ୍ଷାର୍ଥୀ ଅନୁପସ୍ଥିତ

ଜଗତ୍‌ସିଂହପୁର, ୧୯।୨
(ପ୍ରମୋଦ କୁମାର ନାୟକ)

ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ବାର୍ଷିକ ନିୟମିତ, ମଧ୍ୟମା ଓ ଶିକ୍ଷା ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ (ଏସ୍‌ଓଏସ୍‌ସି) ପାଇଁ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ପରୀକ୍ଷା ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ଜଗତ୍‌ସିଂହପୁର ଜିଲାର ୮ବ୍ଲକରେ ୯୧ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ମୋଟ୍ ୧୩,୪୬୦ ଜଣ ଉଭୟ ନିୟମିତ, ମଧ୍ୟମା ଓ ଏସ୍‌ଓଏସ୍‌ସି ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୨୦୫ ଜଣ ଅନୁପସ୍ଥିତ ଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବାର୍ଷିକ ନିୟମିତ ଛାତ୍ରୀଛାତ୍ରଙ୍କ ପାଇଁ କରାଯାଇଥିବା ୮୭ କେନ୍ଦ୍ରରେ ୧୩,୨୫୧ ଜଣ ପରୀକ୍ଷା ଦେବାକୁ ସୁଯୋଗ ଥିବାବେଳେ ୧୭୩ ଜଣ ଅନୁପସ୍ଥିତ ଥିଲେ। ସେହିପରି ମଧ୍ୟମାରେ ୭୧ ଜଣଙ୍କ ମଧ୍ୟରୁ ୧୭ ଓ ଏସ୍‌ଓଏସ୍‌ସିରେ ୧୩୮ ଜଣଙ୍କ ମଧ୍ୟରୁ ୧୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ତେବେ ପରୀକ୍ଷା ଶାନ୍ତି, ଶୃଙ୍ଖଳାର ସହ ହୋଇଛି। ଜଣେ ହେଲେ ବି ମାଲପ୍ରାକ୍ଟିସ(ଏମ୍‌ପି) ହୋଇନାହାନ୍ତି। ପ୍ରଶ୍ନପତ୍ର ପରୀକ୍ଷାର ଯଥେଷ୍ଟ ପୂର୍ବରୁ ପ୍ରତି କେନ୍ଦ୍ରରେ ପହଞ୍ଚିଥିଲା। ବିଗତବର୍ଷ ପରି ଚଳିତବର୍ଷ ରେଗୁଲାର ଓ ଏକ୍ସରେଗୁଲାର ଛାତ୍ରୀଛାତ୍ରଙ୍କ ପାଇଁ ସମାନ ସିଟିଂ ଓ ସମାନ ପ୍ରଶ୍ନପତ୍ରରେ ପରୀକ୍ଷା କରାଯାଇଥିଲା। ଶନିବାର ଦ୍ୱିତୀୟ ଭାଷା ଅର୍ଥାତ୍ ଇଂଲିଶ୍ ପରୀକ୍ଷା ସକାଳ ୯ରୁ ପୂର୍ବାହ୍ନ ୧୧ଟା୩୦ ମଧ୍ୟରେ ଅନୁଷ୍ଠିତ ହେବ। ପରୀକ୍ଷା ସୁପରିଚାଳନା ପାଇଁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ଅବ୍‌ଜର୍ଭର, ନୋଡାଲ ସେଣ୍ଟର ଅବ୍‌ଜର୍ଭର ଓ ନୋଡାଲ ଇନ ଚାର୍ଜ ନିଯୁକ୍ତ ହୋଇଛନ୍ତି। ଜିଲାର ୮ ବ୍ଲକରେ ୮ଟି ନୋଡାଲ ସେଣ୍ଟର କରାଯାଇଛି।

**ନାଉଗାଁ, (ସୁଧା ବେହୁରା)**

ନାଉଗାଁର ୭ କେନ୍ଦ୍ରରେ ୧୦୧୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସମୁଦାୟ ୧୦୨୧ଜଣ ପିଲା ପରୀକ୍ଷା ଦେବା ପାଇଁ ଫର୍ମ ଆବେଦନ କରିଥିବା ବେଳେ ସେଥିରୁ ୧୧ଜଣ ଅନୁପସ୍ଥିତ ଥିଲେ। ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪, ଅଙ୍ଗେଶ୍ୱରପଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨, ତିରୁଣା ଉଚ୍ଚ ବିଦ୍ୟାଳୟରେ ୧, କଣ୍ଡୁଣିଆ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ୧, ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଗ୍ରହଣ କରାଯାଇ ପ୍ରଶ୍ନପତ୍ର ମହଜୁଦ ରଖାଯାଇଛି। ସେହିପରି ପ୍ରଶ୍ନପତ୍ର ବଣ୍ଟନ ପାଇଁ ୨ଟି ଟିମ ଗଠନ କରାଯାଇଛି ବୋଲି ବ୍ଲକ ଶିକ୍ଷାଧିକାରୀ ଦିଲୀପ କୁମାର ବଡପଣ୍ଡା ସୂଚନା ଦେଇଛନ୍ତି।

**ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକର ୭ ପରୀକ୍ଷା କେନ୍ଦ୍ରରେ ୧୧୩୬ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ଦେବାକୁ ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଦିନରେ ୧୧୨୩ ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେଇଥିବାବେଳେ ୧୩ ଜଣ କୌଣସି କାରଣରୁ ଅନୁପସ୍ଥିତ ଥିବା ଏବିଇଓ ଆଶୁତୋଷ ବାନାର୍ଜୀ ସୂଚନା ଦେଇଛନ୍ତି। ରେଣ୍ଟୁଆ ବିସି ହାଇସ୍କୁଲରେ ୨, ସାଦେଇପୁର ଭଦ୍ରେଶ୍ୱର ହାଇସ୍କୁଲରେ ୪, ଜଇଶୋଳ ହାଇସ୍କୁଲରେ ୪, ନାଳିବର ହାଇସ୍କୁଲରେ ୧, ତରିକୁଣ୍ଡ ହାଇସ୍କୁଲରେ ୨ ଛାତ୍ରୀଛାତ୍ର ପରୀକ୍ଷାରୁ ବିରତ ରହିଥିଲେ। ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୧ ଓ ବର୍ତ୍ତି ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ଏଠାରେ କୌଣସି ପରୀକ୍ଷାର୍ଥୀ ଅନୁପସ୍ଥିତ ନ ଥିଲେ। ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ହବ୍ କରାଯାଇଛି। ଏହାର ଦାୟିତ୍ୱରେ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରା ରହିଛି। ସମସ୍ତ କେନ୍ଦ୍ରରେ ପରୀକ୍ଷା ସିସି ଟିଭି ବଳୟରେ ହେଉଥିବାବେଳେ କପି ନ ହେବା ପାଇଁ ଗେଟ ପାଖରୁ ଚେକିଂ କଡ଼ାକଡ଼ି କରାଯାଇଛି।

## ଜଗତ୍‌ସିଂହପୁର ଜିଲାରେ ମାଟ୍ରିକ ପରୀକ୍ଷା ଆରମ୍ଭ



ଜଗତ୍‌ସିଂହପୁରର ଏକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।

# ବାଲିଘାଟ ଉପରେ ୯୨ ଲକ୍ଷ ଟଙ୍କା ବାକି

ଜଗତ୍‌ସିଂହପୁର, ୧୯।୨
(ପ୍ରମୋଦ କୁମାର ନାୟକ)

**ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର**

**କବିରପାଟଣା ଛକରୁ ୧୨୫ ଖୁଣ୍ଟ ଚୋରି ଯାଇଥିବା ସୂଚନା**

ଜଗତ୍‌ସିଂହପୁର ଜିଲାର ବାଲିଘାଟ ସଂଖ୍ୟା ଏବଂ ଏଗୁଡ଼ିକ ଉପରେ ଜିଏସ୍‌ଟି ବାବଦରେ କେତେ ଅର୍ଥ ବକେୟା ରହିଛି, ସେ ସମ୍ପର୍କରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଲିଖିତ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଦର୍ଶାଇଛନ୍ତି, ଜିଲାରେ ମୋଟ ୨୭ଟି ବାଲିଘାଟ ଥିବାବେଳେ ଏହି କରଦାତାମାନଙ୍କ ଉପରେ ଦ୍ରବ୍ୟ ଓ ସେବାକର ବକେୟା ବାବଦରେ ମୋଟ ୯୧,୫୫,୯୩୪ ଟଙ୍କା ବାକି ଅଛି। ସେଥିରୁ ୧୩,୪୧,୨୮୬ ଟଙ୍କା ପ୍ରଥମ ଅପିଲ ପରିସରଭୁକ୍ତ ଥିବାବେଳେ ୭୮,୧୪,୬୪୮ ଟଙ୍କା ଆଦାୟ ନିମନ୍ତେ ଆଇନ ଅନୁଯାୟୀ ବାଣିଜ୍ୟକର ଓ ଦ୍ରବ୍ୟ ଆୟୁକ୍ତଙ୍କ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯାଉଥିବା ସ୍ପଷ୍ଟ କରାଯାଇଛି। ସେହିପରି ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ଓ ଚଳିତ ଖରିଫରେ ଚାଷୀ ପଞ୍ଜୀକରଣ ବଞ୍ଚିତ ସମ୍ପର୍କିତ ପ୍ରଶ୍ନ ବିଧାୟକ ଦାସ ପଚାରିଥିଲେ। ଏହାର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦର୍ଶାଇଛନ୍ତି, ୨୦୨୪-୨୫ ଖରିଫରେ ୧୦,୯୪୬ ଓ ଚଳିତ ଖରିଫରେ ୧୦,୯୬୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଚାଷୀମାନେ ପଞ୍ଜୀକରଣରୁ ବାଦ୍ ପଡ଼ିବାର ନିର୍ଦ୍ଦିଷ୍ଟ ତଥ୍ୟଭିତ୍ତିକ ଅଭିଯୋଗ ହସ୍ତଗତ ହୋଇନାହିଁ। ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ନିମନ୍ତେ ସରକାର ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ପାତ୍ର କହିଥିଲେ। ଜିଲାର କବିରପାଟଣା ଛକରୁ ଚୋରି ଯାଇଥିବା ବିଦ୍ୟୁତ୍ ଖୁଣ୍ଟ, କାର୍ଯ୍ୟ ହେବାକୁ ଥିବା ପ୍ରକଳ୍ପ, ଚୋରି ସ୍ଥାନ, ସୁରକ୍ଷିତ ଭାବେ ଗଚ୍ଛିତ ରଖିବା ସମ୍ପର୍କିତ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଦର୍ଶାଇଛନ୍ତି, ଏହି ଛକରେ ୧୪ ମିଟର ଏଚ୍ ପୋଲ୍ (୧୨୫ ପିସ୍: ୩୦ ବଟମପିସ୍ ଏବଂ ୯୫ ଟପ ପିସ୍) ଚୋରି ହୋଇଛି। ୨୦୨୪ ନଭେମ୍ବର ୨୦ରେ ଜଗତ୍‌ସିଂହପୁର ଥାନାରେ ଏନେଇ ଏତଲା ଦିଆଯାଇଥିଲା। ୩୩ କେ.ଭି. ରଘୁନାଥପୁର ପିଏସ୍‌ଏସ୍‌ରୁ ଜଗତ୍‌ସିଂହପୁର ଜିଏସ୍‌ଏସ୍ ପର୍ଯ୍ୟନ୍ତ କାର୍ଯ୍ୟ ନିମନ୍ତେ ସିଏମ୍‌ପିଡିପି ଯୋଜନା ଅଧୀନରେ ଏହି ପୋଲଗୁଡ଼ିକ କିଣାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ୨୦୨୫ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ରଘୁନାଥପୁର ପିଏସ୍‌ଏସ୍‌ରୁ ଜଗତ୍‌ସିଂହପୁର ଜିଏସ୍‌ଏସ୍ ଲାଇନ ପାଇଁ ପୋଲ୍ ଓ ୩୩ କେ.ଭି. ବିଶିଷ୍ଟ ବୈଦ୍ୟୁତିକ ଭିତ୍ତିଭୂମିର ବିସ୍ତାର କରାଯାଇଥିଲା, ଯେଉଁଥିରେ ୬.୮ ସିକେଏମ୍ ଓଭରହେଡ୍ ଲାଇନ ଏବଂ ୧୦ ଭୂତଳ କେବୁଲ ବିଛା ଯାଇଥିଲା। ଏହାଦ୍ୱାରା ଏନ୍-୧ ଓ ଉପଯୋଗିତା ପ୍ରତିପାଦିତ ହେବା ସହ ରଘୁନାଥପୁର ଅଞ୍ଚଳର ଗ୍ରାହକଙ୍କୁ ଲୋ-ଭୋଲ୍‌ଟେଜ ସମସ୍ୟାର ସମାଧାନ ତଥା ଉନ୍ନତ ଓ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇବାରେ ସହାୟକ ହେବ। ବର୍ତ୍ତମାନ ବାରମ୍ବାର ଚୋରି ଘଟଣାପରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ରାଶନ କାର୍ଡ ସମ୍ପର୍କିତ ବିଧାୟକଙ୍କ ଅନ୍ୟତମ ପ୍ରଶ୍ନର ଉତ୍ତର ଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦର୍ଶାଇଛନ୍ତି, କୌଣସି କାରଣବଶତଃ ପରିବାରର ସଦସ୍ୟ ଅଲଗା ହୋଇ ସେହି ଘରେ କିମ୍ବା ଅନ୍ୟତ୍ର ରହୁଥିଲେ, ପ୍ରଥମେ ରାଶନ କାର୍ଡରୁ ସେମାନଙ୍କ ନାଁ କଟିବା ଆବଶ୍ୟକ। ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ରାଶନ କାର୍ଡ ପରିଚାଳନା କେନ୍ଦ୍ରରେ ପହଞ୍ଚି ଆବେଦନ କଲେ ଏହା ହୋଇପାରିବ। ତା'ପରେ ନୂତନ ରାଶନ କାର୍ଡ ପାଇବା ପାଇଁ ପୁଣିଥରେ ଆବେଦନ କରିବାକୁ ହେବ। ଆବେଦନକୁ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ୨୦୨୦ ଅଧୀନ ଯୋଗ ଓ ବାଦ୍ ଦେବା ମାନଦଣ୍ଡ ପରିଧିରେ କ୍ଷେତ୍ରୀୟ ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହେଉଥିଲେ, ୨୦୧୧ ଜନଗଣନା ଅନୁଯାୟୀ ବ୍ଲକ ଏବଂ ପୌରାଞ୍ଚଳଗୁଡ଼ିକ ପାଇଁ ଧାର୍ଯ୍ୟ କରାଯାଇଥିବା ହିତାଧିକାରୀଙ୍କ ସର୍ବୋଚ୍ଚ ସୀମା ମଧ୍ୟରେ ଖାଲି ସ୍ଥାନରେ ଅନ୍ତର୍ଭୁକ୍ତ କରାଯାଇ ନୂତନ ରାଶନ କାର୍ଡ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା ଥିବା ଦର୍ଶାଯାଇଛି।

# ଖାଦ୍ୟ, ପୁଷ୍ଟି, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାର୍ଶାଘାଇ, ୧୯।୨
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଶିବିରରେ ଯୋଗଦେଇଥିବା ସିଆରପି ଓ ବିପିଏମ୍‌ମାନେ।

ମାର୍ଶାଘାଇ ବ୍ଲକ ସଭାଗୃହରେ ଖାଦ୍ୟ, ପୁଷ୍ଟି, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ସମ୍ପର୍କରେ ସିଆରପିମାନଙ୍କ ୨ ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବ୍ଲକର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ ଏହି ଶିବିରରେ ୪୦ ଜଣ ସିଆରପିଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିପିଏମ୍ ପ୍ରଭାତ କୁମାର ମଲ୍ଲିକ, ବିଏଲ୍‌ସି ମିନାବାଳା ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ଭୂୟାଁ, ରଶ୍ମିରେଖା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ସିଆର୍‌ପି ସସ୍ମିତା ବେହେରା, ସୁମିତ୍ରା ସାହୁ, ବେବିନା ସାହୁ, ଲିଲିମା ରାଉତ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଜୟଶ୍ରୀ ମହାପାତ୍ର, ଲୀଳାବତୀ ରାଉତଙ୍କ ସମେତ ୪୦ ସିଆରପି ଗାୟତ୍ରୀ ମହାପାତ୍ର, ତଟିନୀ ପ୍ରଧାନ, ଶିବିରରେ ଉପସ୍ଥିତ ଥିଲେ।

# ଶିଶୁଙ୍କ ଭବିଷ୍ୟତ, ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ

ବାଲିକୁଦା ,୧୯।୨(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ କେରୁଆଁପଡ଼ାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ନବମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଶାନ୍ତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ଶିଶୁ ବିକାଶ ବିଦ୍ୟାମନ୍ଦିର ଓଡ଼ିଶାର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଶିକ୍ଷାବିତ୍ ପ୍ରେମାନନ୍ଦ ପରିଡ଼ା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ ଓ ଶିକ୍ଷକ ଦେବକାନ୍ତ ବିଶ୍ୱାଳ ଉପସ୍ଥିତ ରହି ଶିଶୁ ବିକାଶ ବିଦ୍ୟାମନ୍ଦିର ଶିଶୁମାନଙ୍କର ଭବିଷ୍ୟତ ନିର୍ମାଣ ସହ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା କହିଥିଲେ। ସଙ୍ଗୀତ ନିର୍ଦ୍ଦେଶକ କୈଳାସ ପୂର୍ତ୍ତି ଓ କବି ରମେଶ ଚନ୍ଦ୍ର ବହିରା ବିଚାରକ ଦାୟିତ୍ୱ ତୁଲାଇଥିଲେ। କବି ପ୍ରଶାନ୍ତ ମହାନ୍ତି ସଂଯୋଜନା କରିଥିଲେ। ସସ୍ମିତା ସେଠୀ, ବିଜୟ କୁମାର ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ମଧୁସ୍ମିତା ସେଠୀ, ଗୁରୁଜୀ ସଂଗ୍ରାମ ମୁଦୁଲି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଗୁରୁଜୀ ପବିତ୍ର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଗୁରୁମା' ପ୍ରଜ୍ଞାସ୍ମିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବା ବ୍ୟବସାୟୀ ସଂଘ ସଭାପତି ହେଲେ ଶମ୍ଭୁ ନାଥ

କୁଜଙ୍ଗ,୧୯।୨(ମନୋଜ ପ୍ରଧାନ)



କୁଜଙ୍ଗ ପରିବା ବ୍ୟବସାୟୀ ସଂଘ ସଭାପତି ଭାବରେ ଶମ୍ଭୁ ନାଥ ନିର୍ବାଚିତ ହୋଇଛନ୍ତି। ୨୭୦ ଜଣ ପରିବା ବ୍ୟବସାୟୀଙ୍କୁ ନେଇ ଗଠିତ ଆଖଣ୍ଡଳମଣି ପରିବା ବ୍ୟବସାୟୀ ସଂଘର ସଭାପତି ନିର୍ବାଚନରେ ଚାରି ଜଣ ପ୍ରାର୍ଥୀ ଥିବାବେଳେ ଶମ୍ଭୁ ନାଥଙ୍କୁ ସର୍ବାଧିକ ବ୍ୟବସାୟୀଙ୍କ ସମର୍ଥନ ମିଳିଛି। ଦ୍ୱିତୀୟ ସର୍ବାଧିକ ସମର୍ଥନ ପାଇଥିବା ଗୋପୀନାଥ ରାଉତ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ବାବାଜୀ ଚରଣ ରାଉତ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ୧୦ ଜଣିଆ କାର୍ଯ୍ୟନିର୍ବାହୀ କମିଟିକୁ ବରିଷ୍ଠ ସଭ୍ୟ ଶିଶିର ନାୟକ, ଫକୀର ଅଧିକାରୀ, ସନାତନ ରାଉତ, ବିଭୂତି ଭୂଷଣ ସ୍ୱାଇଁ , ସୁରେଶ ପ୍ରଧାନ, ଜଗବନ୍ଧୁ ଦାସ, ପ୍ରହଲ୍ଲାଦ ସ୍ୱାଇଁ, କ୍ଷୀରୋଦ ନାଥ, କୃପାସିନ୍ଧୁ ଶୁକ୍ଳ ଓ ବବୁଲ ପରିଡ଼ା ମନୋନୀତ ହୋଇଛନ୍ତି। ଏହି ଅବସରରେ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ଶମ୍ଭୁ ନାଥଙ୍କୁ ସାଗତ କରାଯାଇ ବଜାର ପରିକ୍ରମା କରାଯାଇଥିଲା।

# ୨୧.୪୧ ଗ୍ରାମ ବ୍ରାଉନ୍‌ସୁଗାର ଜବତ,୩ ଗିରଫ

ପାରାଦୀପ, ୧୯।୨(ଶରତ ରାଉତ)

ବ୍ରାଉନ୍‌ସୁଗାର ଚାଲାଣ ଅଭିଯୋଗରେ ପାରାଦୀପ ଲକ୍‌ଥାନା ପୋଲିସ ବୁଧବାର ରାତିରେ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୨୧.୪୧ ଗ୍ରାମ୍ ବ୍ରାଉନସୁଗାର ସମେତ ଗୋଟିଏ ବାଇକ ଓ ୩ ମୋବାଇଲ ଫୋନ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ବଜାର ମୂଲ୍ୟ ୨ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ହେଲେ ବିକ୍ରମ ପ୍ରଧାନ, ବିଶ୍ୱଜିତ୍ ଜେନା ଓ ରଣଜିତ ପ୍ରଧାନ। ସେମାନଙ୍କ ଘର ଉକ୍ତ ଥାନା ଅନ୍ତର୍ଗତ ବାଲିଡ଼ିଆ ଓ ଗଡ ଗ୍ରାମରେ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ମାମଲା (ନଂ.୬୧/୨୬) ରୁଜୁ ହୋଇଛି। ଅଭିଯୁକ୍ତମାନେ ବୁଧବାର ରାତିରେ ବାଇକ ଯୋଗେ ବାଲିଡିଆ ଛକ ଦେଇ ବ୍ରାଉନ୍‌ସୁଗାର ନେଇ ଯାଉଥିବାବେଳେ ପାଟ୍ରୋଲିଂ ପୋଲିସ ହାତରେ ଧରାପଡ଼ିଥିଲେ।

# ଅଗ୍ନିକାଣ୍ଡରେ ୨ବଖରା ଜଳିଗଲା

ନାଉଗାଁ, ୧୯।୨
(ସୁଧା ବେହୁରା)



ନାଉଗାଁ ତହସିଲ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ରାଉତପଡା ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୨ବଖରା ଜଳିଯାଇଛି। ଏଥିରେ ଗ୍ରାମର ଶଶିଭୂଷଣ ମହାନ୍ତିଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସ୍ତ୍ରୀ ମଧ୍ୟାହ୍ନ ସମୟରେ ରୋଷେଇ କରୁଥିବା ବେଳେ ହଠାତ ନିଆଁ ଲାଗି ଜଳିବାକୁ ଲାଗିଥିଲା। ପାଟିଶୁଣି ସ୍ଥାନୀୟ ଲୋକ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବର ପାଇ ନାଉଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ବିଷୟରେ ତହସିଲଦାର ଅକ୍ଷୟ କୁମାର ବଡ଼ୁଙ୍କୁ ପଚାରିବାରେ ତଦନ୍ତ ରିପୋର୍ଟ ଆସିବା ପରେ ସରକାରଙ୍କ ନିୟମାନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ



| କ୍ରମିକ ନଂ. | ଖତିୟାନ ର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଳତା, ବା:ବେଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଡାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଲ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**


# 'ଭାଜପା, ବିଜେଡି, କଂଗ୍ରେସର ବିକଳ୍ପ ହେବ ଓଡ଼ିଶା ଜନତା କଂଗ୍ରେସ'

ଜଗତ୍‌ସିଂହପୁର, ୧୯।୨ (ପ୍ରମୋଦ କୁମାର ନାୟକ)



ଆଶା ଓ ବିଚାରର ସମନ୍ୱୟ ପାଇଁ ଆୟୋଜିତ ମିଳନ ପର୍ବରେ ମଞ୍ଚାସୀନ ଅତିଥି।

ବିଜେଡି ଓଡ଼ିଶାରେ ୨୫ ବର୍ଷ ଶାସନ କଲା। କିନ୍ତୁ ରାଜ୍ୟକୁ ଆଗକୁ ନେବା ପାଇଁ ପଦକ୍ଷେପ ନେଲାନାହିଁ। ଓଡ଼ିଶାର ଯୁବକଙ୍କୁ ଚାକିରି କି ସ୍ୱାବଲମ୍ବୀ କରାଗଲାନାହିଁ। ଶିଳ୍ପପତିଙ୍କ ହାତରେ ଓଡ଼ିଶାର ଭାଗ୍ୟକୁ ଟେକି ଦିଆଗଲା। ଅନୁରୂପ ଭାବେ ଓଡ଼ିଆ ଅସ୍ମିତା କଥା କହି ଭାଜପା ଶାସନକୁ ଆସିଲା। ଏହି ସରକାର ଏଥିମଧ୍ୟରେ ୨୦ ମାସ କାଟି ସାରିଲାଣି। କିନ୍ତୁ ସରକାର କିପରି ଚାଲିବ ଭାଜପା ଏ ପର୍ଯ୍ୟନ୍ତ ଜାଣିପାରିଲା ନାହିଁ। ଏହାଦ୍ୱାରା ପ୍ରଗତି ଗତିରୋଧ ହୋଇଯାଇଛି। କୃଷକ ଧାନ ବିକ୍ରି କରିପାରୁନାହାନ୍ତି। ସବୁ କ୍ଷେତ୍ରରେ ଅସୁବିଧା ହେଉଛି। କଂଗ୍ରେସ କଥା ଦେଖିଲେ ଏ ଦଳ ଲୋକଙ୍କଠାରୁ ଦୂରେଇ ଚାଲିଛି। ଦଳୀୟ କନ୍ଦଳ ତୀବ୍ର ହୋଇଛି। ଯିଏ ପିସିସି ସଭାପତି ହେଉଛନ୍ତି ସେ ନିଜକୁ ମୁଖ୍ୟମନ୍ତ୍ରୀ ବୋଲି ଭାବୁଛନ୍ତି। କେନ୍ଦ୍ରରେ ମଧ୍ୟ ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଯୋଗୁ କଂଗ୍ରେସର ଅବସ୍ଥା ଯାହା ହୋଇଛି ତାହା ପ୍ରତ୍ୟେକେ ଅନୁଭବ କରିପାରୁଥିବେ। ଉତ୍ତରପ୍ରଦେଶ ଭଳି ବଡ ରାଜ୍ୟରେ କଂଗ୍ରେସ ପାଇଛି ମାତ୍ର ୨ ବିଧାନସଭା ଆସନ। ଦିଲ୍ଲୀ ଓ ଆନ୍ଧ୍ରପ୍ରଦେଶରେ ଖାତା ଖୋଲିପାରିନାହିଁ। ପଶ୍ଚିମବଙ୍ଗରେ କଂଗ୍ରେସରୁ ବାହାରି ମମତା ବାନାର୍ଜୀ ୩ ଥର ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ଦେଖିଲେ ଅନୁମେୟ ହେଉଛି ଓଡ଼ିଶାରେ କଂଗ୍ରେସ ମାତ୍ର ୩/୪ଟି ସିଟ୍‌ରୁ ଅଧିକ ହାତେଇ ପାରିବନାହିଁ। ଆଗାମୀ ପଞ୍ଚାୟତ, ପୌର ନିର୍ବାଚନରେ ମଧ୍ୟ ଅନୁରୂପ ପ୍ରତିଫଳିତ ହେବାକୁ ଯାଉଛି। ଏ ପରିସ୍ଥିତିରେ ଓଡ଼ିଶାରେ ଏକପ୍ରକାର ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଯେଉଁମାନେ ବିଜେଡି, ଭାଜପା ଓ କଂଗ୍ରେସରେ ଭଲ କାମ କରି ମଧ୍ୟ ସୁଯୋଗ ଅବା ସ୍ୱାଧୀନତା ପାଉନାହାନ୍ତି ସେମାନେ ଏହି ଦଳରେ ସାମିଲ ହେବାର ସମୟ ଆସିଛି। ଗୁରୁବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ନୂତନ ଆଶା ଓ ବିଚାରର ସମନ୍ୱୟ ପାଇଁ ଆୟୋଜିତ ମିଳନ ପର୍ବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ବାରବାଟୀ ବିଧାୟକ ମହମ୍ମଦ ମୌକିମ ଏହା କହିଛନ୍ତି। ସେ କହିଥିଲେ, ଏହି ଦଳ ନିଶାମୁକ୍ତ ଓଡ଼ିଶା ଗଠନ ସାଙ୍ଗକୁ ଯୁବଶକ୍ତିକୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ କାମ କରିବ। ଏହା ହୋଇ ନ ପାରିଲେ ଓଡ଼ିଶାକୁ ଆଗକୁ ନେବା ସମ୍ଭବ ନୁହେଁ। ଆମ ରାଜ୍ୟରେ ପ୍ରଚୁର ଖଣି, ଖାଦାନ, ପ୍ରାଚୁର୍ଯ୍ୟ ଭରି ରହିଛି। ଭାରତରେ ଉତ୍ତୋଳିତ ଖଣିଜ ଯଥା ବକ୍ସାଇଟ୍, କ୍ରୋମାଇଟ୍ ତଥା ଲୁହାପଥର ମଧ୍ୟରେ ଓଡ଼ିଶାରେ ଏହାର ସିଂହଭାଗ ରହିଛି। ତଥାପି ଓଡ଼ିଶାର ୮୦ ଲକ୍ଷରୁ ଅଧିକ ଲୋକଙ୍କୁ ସରକାରୀ ରାଶନ ମାଧ୍ୟମରେ ମାଗଣା ଚାଉଳ ଦିଆଯିବା ଦୁର୍ଭାଗ୍ୟଜନକ କଥା। ଏ ପରିସ୍ଥିତିରେ ଓଡ଼ିଆଙ୍କ ପାଇଁ ଏକ ନୂଆ ଦଳର ଆବଶ୍ୟକତା ରହିଛି। ରାଜ୍ୟର ସମସ୍ତ ୧୪୭ ବିଧାନସଭା ଆସନର ଯୁବତୀ, ଯୁବକ ଓ ମହିଳାମାନଙ୍କୁ ଏହି ଦଳ ସୁଯୋଗ ଦେଇ ସାମାଜିକ ପରିବର୍ତ୍ତନ ଆଣିବ।

ପ୍ରଦେଶ ଛାତ୍ର କଂଗ୍ରେସ ପୂର୍ବତନ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବଦ୍ରୀ ନାରାୟଣ ମହାନ୍ତି ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିକୁଞ୍ଜ ପଶାୟତ, କ୍ରିଷ୍ଣାନନ୍ଦ ସାହୁ, ତପନ ରାଉତରାୟ, ମିହିର ଦାସ, ସତ୍ୟଦୀପ ବିଶ୍ୱାଳଙ୍କ ସମେତ ବିଜେଡି, ଭାଜପା ଓ କଂଗ୍ରେସର ଏକାଧିକ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୌକିମଙ୍କ ଏହି କାର୍ଯ୍ୟକ୍ରମକୁ ନେଇ ସାରା ଜିଲାରେ ଚର୍ଚ୍ଚା ଜୋର ଧରିଛି। ଆଗକୁ ଦେଖିବାର ଅଛି ଓଡ଼ିଶା ଜନତା କଂଗ୍ରେସ କେବେ ସ୍ୱୀକୃତି ପାଉଛି ଏବଂ ଏହାର ରଣନୀତି କ'ଣ ରହୁଛି।

# ଡିସିବି ବ୍ୟାଙ୍କର ପୂର୍ବତନ ମ୍ୟାନେଜର ଜେଲଗଲେ

ନୟାଗଡ଼,୧୯।୨ (ଲୋକନାଥ ମିଶ୍ର)

## ଋଣ ପରିଶୋଧ ବାବଦ ୩୦ ଲକ୍ଷ ହଡ଼ପ ମହଙ୍ଗା ପଡ଼ିଲା

ଋଣ ପରିଶୋଧ ବାବଦ ୩୦ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ କନ୍ଧମାଳ ଜିଲା ବାଲିଗୁଡାରୁ ନୟାଗଡ଼ ଡିସିବି ବ୍ୟାଙ୍କର ପୂର୍ବତନ ମ୍ୟାନେଜର ହିମାଂଶୁ ଶେଖର ସ୍ୱାଇଁ (୪୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବୁଧବାର ଜିଲା ଜେଲକୁ ପଠାଯାଇଛି।

ଅଭିଯୋଗ ଅନୁସାରେ ନୟାଗଡ଼ର ଶୁଭ୍ରାଂଶୁ ଶେଖର ପୃଷ୍ଟିଙ୍କର ମେସର୍ସ ଅନ୍ନପୂର୍ଣ୍ଣା ଡିଷ୍ଟ୍ରିବ୍ୟୁଟର ନାମକ ଏକ ସଂସ୍ଥା ରହିଛି। ଏହାର ବ୍ୟବସାୟ ନିମନ୍ତେ ସେ ଦୁର୍ଗାପ୍ରସାଦରେ ଥିବା ଡିସିବି ବ୍ୟାଙ୍କରୁ ୨୦୧୬ ରେ ୬୦ ଲକ୍ଷ ଟଙ୍କା ଋଣ କରିଥିଲେ।

୨୦୨୧ ଅକ୍ଟୋବର ୨୭ରେ ୩୦ ଲକ୍ଷ ଟଙ୍କା ପରିଶୋଧ କରିଥିଲେ। ପରିଶୋଧ କରିଥିବା ଟଙ୍କାକୁ ବ୍ୟାଙ୍କ ମ୍ୟାନେଜର ସ୍ୱାଇଁ ଆତ୍ମସାତ୍ କରି ନକଲି ଡିପୋଜିଟ ରସିଦ, ବ୍ୟାଙ୍କ ଷ୍ଟେଟମେଣ୍ଟ ଦେଇଥିଲେ। ହେଲେ ଶୁଭ୍ରାଂଶୁ କାଗଜାତ ନକଲି ସମ୍ପର୍କରେ ଜାଣି ପାରି ନ ଥିଲେ। କିଛି ଦିନ ପରେ ବ୍ୟାଙ୍କର ଭୁବନେଶ୍ୱର ଅଫିସରୁ ଋଣ ଟଙ୍କା ଆଦାୟ ପାଇଁ ଆସିବାରୁ ଠକେଇ ସମ୍ପର୍କରେ ଜଣା ପଡିଥିଲା। ଏନେଇ ଶୁଭ୍ରାଂଶୁ ବ୍ୟାଙ୍କଙ୍କୁ ନିଜର ଟଙ୍କା ଠକେଇ ନେଇ ଅବଗତ କରି ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ମାମଲା ରୁଜୁ ହେବା ସମୟରେ ମ୍ୟାନେଜର ଚାକିରି ଛାଡି ଅନ୍ୟ ଏକ ବ୍ୟାଙ୍କରେ ଅବସ୍ଥାପିତ ହୋଇଥିଲେ।

ଅଭିଯୋଗ ପରେ ପୋଲିସ ୨୦୨୫ ମାର୍ଚ୍ଚ ୪ରେ ନଂ.୮୪/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରେ ମ୍ୟାନେଜର ଋଣ ପରିଶୋଧ ବାବଦ ୩୦ ଲକ୍ଷ ହଡ଼ପ କରିଥିବା ଜଣା ପଡିଥିଲା ବୋଲି ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏନେଇ ନୟାଗଡ଼ର ଶୁଭ୍ରାଂଶୁ ଶେଖର ପୃଷ୍ଟି ଗୁରୁବାର ଖବରଦାତା ସମିଳନୀ କରାଇ ମାନେଜରଙ୍କର ଠକାଇ ସମ୍ପର୍କରେ ସୂଚନା ଦେଇଥିଲେ। ଅପରପକ୍ଷେ ସମ୍ପୃକ୍ତ ମ୍ୟାନେଜର ନୟାଗଡ଼ରୁ ପ୍ରାୟ ୧କୋଟି ଟଙ୍କା ଠକେଇ କରିଥିବା ଜଣାପଡିଛି। ସେହିପରି ରଣପୁର ଥାନା ଡ଼ମସାହି ଗାଁର ତୋଫାନ ସିଂ ସମାନ ଢଙ୍ଗରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେର ଶିକାର ହୋଇଥିବା ଖବରଦାତା ସମିଳନୀରେ କହିଛନ୍ତି। ସମ୍ପୃକ୍ତ ମାମଲା ପୁଣି ଥରେ ତଦନ୍ତ କରାଯିବ ବୋଲି ନୟାଗଡ଼ ଏସ୍‌ପି ଓ ଟାଉନ ଥାନା ଆଇଆଇସୀଙ୍କୁ ଲିଖିତ ଭାବେ ଦେଇଥିବା ତୋଫାନ କହିଛନ୍ତି।

# ମା' ରାମଚଣ୍ଡୀ କ୍ରିକେଟ କ୍ଲବ ପକ୍ଷରୁ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳୀ।

ଶରଣକୁଳ,୧୯।୨(ଦୀପକ କର)

ମା' ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରିମିୟର ଲିଗ୍ ମ୍ୟାଚ୍ ଶରଣକୁଳ କଲେଜ ଖେଳ ପଡ଼ିଆରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୫ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ଆସନ୍ତା ୨୩ରେ ଫାଇନାଲ ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ ମହାକାଳ ୱାରିୟର୍ସ ସହିତ ଶରଣକୁଳ ନେଷ୍ଟ ଜେନେରସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମହାକାଳ ୱାରିୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୬୬ ରନ ସଂଗ୍ରହ କରିଥିଲା ବେଳେ ଶରଣକୁଳ ନେଷ୍ଟ ଜେନେରସନ ୬ ଓଭରରେ ୮ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଶରଣକୁଳ ଦଳର ପପୁ ୩ ଟି ଉଇକେଟ ଓ ୪ ଟି କ୍ୟାଚ ନେଇ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଇଲାଇଟି ଷ୍ଟ୍ରାଇକର ସହିତ ପାୱାର ହିଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲାଇଟି ଷ୍ଟ୍ରାଇକର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୨୯ ରନ ଜବାବରେ ପାୱାର ହିଟର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ବିନିମୟରେ ୧୦୫ ରନ୍ କରି ପରାଜୟ ହୋଇଥିଲା। ଏହି ମ୍ୟାଚରେ ଇଲାଇଟ ଦଳର କାହ୍ନା ୨୨ ବଲରୁ ୫୦ ରନ ସଂଗ୍ରହ କରିବା ସହିତ ୩ ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଶରଣକୁଳ ସରପଞ୍ଚ ମୀନାକ୍ଷୀ ପ୍ରସାଦ ସାହୁ ଯୋଗଦେଇ ମଶାଲ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ମ୍ୟାଚକୁ ଦାଶରଥି ପରିଡ଼ା ଓ ଅଜୟ କୁମାର ସାହୁ ପରିଚାଳନା କରିଥିଲେ। ଶୁକ୍ରବାର ଭୋଲେ ବାବା ୧୧ ସହିତ ମହାକାଳ ୱାରିୟର୍ସ, ଇଲାଇଟି ଷ୍ଟ୍ରାଇକର ସହିତ ଶରଣକୁଳ ନେଷ୍ଟ ଜେନେରସନ ଓ ପାୱାର ହିଟର ୧୧ ସହିତ ଭୋଲେ ବାବା ୧୧ ମଧ୍ୟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମା' ରାମଚଣ୍ଡୀ କ୍ରିକେଟ ଆସୋସିଏସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଦିଗପହଣ୍ଡି ନଗର କଂଗ୍ରେସ ସଭାପତି ହେଲେ ଦୀପକ

ଦିଗପହଣ୍ଡି,୧୯।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନଏସି ୧୦ ନଂ. ୱାର୍ଡର କାଉନସିଲର ଦୀପକ କୁମାର ମିଶ୍ରଙ୍କୁ ନଗର କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତ କରାଯାଇଛି। ଗଞ୍ଜାମ ଜିଲା (ପୂର୍ବ) କଂଗ୍ରେସ କମିଟି ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ସୁପାରିଶ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନବ ନିଯୁକ୍ତ ନଗର କଂଗ୍ରେସ ସଭାପତି ଦୀପକ ଜିଲା କଂଗ୍ରେସ କମିଟି ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀପକ ପୂର୍ବରୁ ନଗର କଂଗ୍ରେସ କମିଟି ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ।

# ସରକାରୀ ଓକିଲଙ୍କ ବିୟୋଗରେ ଶୋକ



ଦାରିଙ୍ଗବାଡ଼ି,୧୯।୨(ଅରୁଣ ସାହୁ)

ଦାରିଙ୍ଗବାଡ଼ି ପ୍ରଥମଶ୍ରେଣୀ ବିଚାର ବିଭାଗରେ କାର୍ଯ୍ୟରତ ସହାୟକ ସରକାରୀ ଓକିଲ ଇନ୍ଦ୍ରମଣୀ ପ୍ରଧାନ (୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ଦାରିଙ୍ଗବାଡ଼ି ବାସ ଭବନରେ ଅକାଳ ବିୟୋଗ ହୋଇଛି। ତାଙ୍କ ମୃତ୍ୟୁ ଖବର ବାଇବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦାରିଙ୍ଗବାଡି ଓକିଲ ସଙ୍ଘ ଓ ଭାଜପା ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା କୁହାଯାଇଛି। ତାଙ୍କ ପୁଅ ଇମ୍ରାନ ପ୍ରଧାନ ଦଶମ ପରୀକ୍ଷା ଦେଉଥିବାରୁ ସ୍ତ୍ରୀ ମାଳତୀ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ଇନ୍ଦ୍ରମଣୀ ଘରେ ଥିବା ବେଳେ ମୃତ୍ୟୁ ହୋଇଛି।

# ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

## ନୀଳମାଧବ ମହାବିଦ୍ୟାଳୟ

ଖଣ୍ଡପଡା,୧୯।୨
(ଅଜୟ କୁମାର ମହାରଣା)




ଶିବିରରେ ଯୋଗଦେଇଥିବା ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

କଣ୍ଟିଲୋ ନୀଳମାଧବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୧ ତାରିଖଠାରୁ ଚାଲିଥିବା ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ରାଜ୍ୟ ଯୁବ ନୀତି ୨୦୧୩ ଅନୁଯାୟୀ ଉଚ୍ଚଶିକ୍ଷା ଓ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାୟୋଜିତ ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ନିର୍ଦ୍ଦେଶିତ ଏହି ୯ ଦିନିଆ ବାଳିକା ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଦିବସରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟକ୍ଷା ନନ୍ଦିତା ବାରିକ ଅଧ୍ୟକ୍ଷତା କରି ଯେଉଁ ପର୍ଯ୍ୟନ୍ତ ନାରୀ ଜାତିର ମାନସିକତାରେ ପରିବର୍ତ୍ତନ ନ ଘଟିଛି ସେ ପର୍ଯ୍ୟନ୍ତ ସରକାରଙ୍କ ଏହି ଆତ୍ମସୁରକ୍ଷା କୌଶଳ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ ନାହିଁ । ଏହାଛଡା ଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନ ଯାପନ କରିବାକୁ ସେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ମାନଗୋବିନ୍ଦ ରାଉତ ସଂଯୋଜନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଶିକ୍ଷିକା ଶୁଭଶ୍ରୀ ସାହୁ, ଅଧ୍ୟାପକ ସୁଜଳ କୁମାର ମହାରଣା, ସୁମନ୍ତ କୁମାର ଜେନା, ଅକ୍ଷୟ କୁମାର ସାହୁ, ହୃଷୀକେଶ ମିଶ୍ର, ଖବରଦାତା ପ୍ରଭାକର ଶିରୋମଣି ଓ ସରୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ନାରୀ ସଶକ୍ତୀକରଣ ସମ୍ପର୍କରେ ଆଲୋକପାତ କରି ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ପ୍ରଥମେ ନିଜ ମନୋବଳକୁ ଦୃଢ କରି ପ୍ରମାଣ କରିବାକୁ ହେବ ମୁଁ ଅବଳା ନୁହେଁ, କି ଦୁର୍ବଳା ନୁହେଁ, ମୋ ଉପରେ ଯେ କେହି ଆକ୍ରମଣ କରିବ ମୁଁ ପ୍ରତିଆକ୍ରମଣ କରିବାକୁ ପ୍ରସ୍ତୁତ ଅଛି । ଏକଥା ଯେଉଁ ଦିନ ତୁମେ କାର୍ଯ୍ୟରେ ପ୍ରତିପାଦିତ କରିବ ତା'ହେଲେ ଏହି ଯୋଜନାର ସଫଳ ରୂପାୟନ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ପରେ ପରେ ୯ ଦିନ ବ୍ୟାପୀ ଅନୁଷ୍ଠିତ ଶିବିରରେ ଯୋଗଦେଇଥିବା ଯୁକ୍ତ ୩ ପ୍ରଥମ ବର୍ଷର କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ୯୦ ଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରିଣୀ ତଥା ସମାଜ ବିଜ୍ଞାନ ଅଧ୍ୟାପିକା ରଶ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା

ବାଲିଗୁଡ଼ା,୧୯।୨
(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବାରଖମା ଫାଣ୍ଡି ଅନ୍ତର୍ଗତ ଗାଟିଙ୍ଗିଆ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ସାମାନ୍ୟ ବଚସାରୁ ଜଣଙ୍କୁ ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି।

ଉକ୍ତ ଗ୍ରାମର ସାମାନ୍ୟ ମାନସିକ ବିକାରଗ୍ରସ୍ତ ଜଣେ ଯୁବକ ଜପ ମଲିକ (୪୫) ଓ ଡକିଲା ମଲିକ (୪୨)ଙ୍କ ମଧ୍ୟରେ କିଛି କଥାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ଜପ ହଠାତ ରାଗି ଯାଇ ଡକିଲାଙ୍କୁ ଟାଙ୍ଗିଆରେ ଗୋଡ଼ାଇ ଗୋଡ଼ାଇ ହାଣି ଦେଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଡକିଲାଙ୍କୁ ଉଦ୍ଧାର କରି ପ୍ରଥମେ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଡକିଲାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ବାଲିଗୁଡ଼ା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଜପଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଡକିଲାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜଗନ୍ନାଥଙ୍କ ସନ୍ଧ୍ୟା ଆଳତି ବେଳେ ଟଳି ପଡ଼ିଲେ ବ୍ୟବସାୟୀ

ଖଣ୍ଡପଡ଼ା,୧୯।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଗୁରୁବାର ସନ୍ଧ୍ୟାରେ ମହାପ୍ରଭୁଙ୍କ ଆଳତି ଦର୍ଶନ ସମୟରେ ଭକ୍ତଙ୍କ ଗହଣରେ ଗୁରୁଡସ୍ତମ୍ଭ ନିକଟରେ ଛିଡା ହୋଇ ଦର୍ଶନ କରୁଥିବା ଖଣ୍ଡପଡ଼ା ବଜାରସାହିର ଜନୈକ ବ୍ୟବସାୟୀ ତ୍ରିନାଥ ସାଥୁଆ (୬୮) ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଳତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଟାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

OIPR-32001/32557/3/25-26/0003

# ବିଜେଡି ବ୍ଲକ୍, ନଗର ସଭାପତି ମନୋନୀତ

ଆସିକା,୧୯।୨(ସୁରେନ୍ଦ୍ର ନାଥ ସାହୁ): ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକ ଓ ଏନ୍ଏସି ପାଇଁ ସଭାପତି ମନୋନୀତ ହୋଇଛନ୍ତି। ଆସିକା ବ୍ଲକ ବିଜେଡି ସଭାପତି ଭାବେ ବରିଷ୍ଠ ନେତା ତଥା ନିମିନା ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚିଙ୍କୁ ଦାୟିତ୍ୱ ମିଳିଥିବା ବେଳେ ପୂର୍ବତନ କାଉନସିଲର ତାରିଣୀ ସେନାପତିଙ୍କୁ ନଗର ସଭାପତି ଭାବେ ମନୋନୀତ କରାଯାଇଛି । ଦଳର ରାଜ୍ୟ ଉପସଭାପତି ଦେବୀ ମିଶ୍ରଙ୍କ ପକ୍ଷରୁ ମଙ୍ଗଳବାର ଏ ସମ୍ପର୍କରେ ତାଲିକା ପ୍ରକାଶ ପାଇଛି। ଆସିକା ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ନିମିନା ସରପଞ୍ଚ, ୨୦୧୩ରୁ ୨୦୧୮ ପର୍ଯ୍ୟନ୍ତ ବ୍ଲକ ସଭାପତି ଦାୟିତ୍ୱରେ ଏବଂ ପରେ ତତ୍କାଳୀନ ବିଧାୟକ ଦେବରାଜ ମହାନ୍ତିଙ୍କ ପ୍ରତିନିଧି ଭାବେ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ନଗର ସଭାପତି ତାରିଣୀ ପୂର୍ବରୁ ଆସିକା ଏନଏସି କାଉନସିଲର ଓ ପରେ ଏମପି ପ୍ରତିନିଧି ଥିଲେ। ଉଭୟେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ଗନ୍ତାୟତ, ପୂର୍ବତନ ଏମପି. ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଯୁବ ବିଜେଡି ଜିଲା ସଭାପତି ନଚିକେତା ସ୍ୱାଇଁଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ଧରାକୋଟ,(ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ବ୍ଲକ ବିଜେଡି ସଭାପତି ଭାବେ ଦ୍ୱିତୀୟ ଥର ପାଇଁ ସଞ୍ଜୟ ପାତ୍ର ମନୋନୀତ ହୋଇଛନ୍ତି। ସେ ୨୦୧୯ରୁ ୨୦୨୬ ପର୍ଯ୍ୟନ୍ତ ଏହି ପଦବୀରେ ରହି ନିଜ ଦାୟିତ୍ୱ ତୁଲାଇ ସଙ୍ଗଠନକୁ ମଜବୁତ କରିଥିଲେ। ସଞ୍ଜୟ ଦଳର ସଙ୍ଗଠନ ପାଇଁ ନିଷ୍ଠାର ସହ କାମ କରିବେ ବୋଲି ପ୍ରକାଶ କରି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ଜିଲା ସଭାପତି ବିକ୍ରମ ପଣ୍ଡା, ଭଗବାନ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଓ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗିତାଞ୍ଜଳୀ ଦେବୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ବ୍ଲକ ବିଜେଡ଼ି ସଭାପତି ଭାବେ କେ.ତାରକେଶ୍ୱର ଦୋରାଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଦିଗପହଣ୍ଡି ନଗର ବିଜେଡ଼ି ସଭାପତି ଭାବେ ତାରାପ୍ରସାଦ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ନବ ନିଯୁକ୍ତ ବ୍ଲକ ଓ ନଗର ବିଜେଡ଼ି ସଭାପତି ରାଜ୍ୟ ସଭାପତି ଏବଂ ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ରାଜ୍ୟ କାର୍ଯ୍ୟକର୍ତ୍ତା ବିପ୍ଳବ ପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ସାନଖେମୁଣ୍ଡି ବ୍ଲକ ବିଜେଡ଼ି ସଭାପତି ରୂପେ ଜିଲା ପରିଷଦ ସଦସ୍ୟ ଅମିନ ପ୍ରଧାନଙ୍କୁ ନିଯୁକ୍ତି ମିଳିଛି।

**ଗଞ୍ଜାମ,(ବିଦ୍ୟାଧର ସାହୁ):** ଗଞ୍ଜାମ ଏନ୍ଏସିରେ ନଗର ବିଜେଡି ସଭାପତି ଭାବେ ସୁଧୀର କୁମାର ପାଢ଼ୀଙ୍କୁ ଦଳର ସୁପ୍ରିମୋ ମନୋନୀତ କରିଛନ୍ତି। ଦଳୀୟ ନେତା କର୍ମୀ ଏବଂ ନିର୍ବାଚିତ ପ୍ରତିନିଧିମାନେ ନବ ନିଯୁକ୍ତ ଟାଉନ ପ୍ରେସିଡେଣ୍ଟ ପାଢ଼ିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୁଧୀର ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

**କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ)** କବିସୂର୍ଯ୍ୟନଗର ଏନଏସି ନଗର ବିଜେଡି ସଭାପତି ଭାବେ ଚତୁର୍ଥ ଥର ପାଇଁ ଭଗବାନ ସ୍ୱାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ପ୍ରାକ୍ତନ ବିଧାୟିକା ଲତିକା ପ୍ରଧାନ, ରଞ୍ଜିତା ସାହୁ, ଜିଲା ସଭାପତି ଓ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ବ୍ଲକ ସଭାପତି ଭାବେ ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ ମନୋନୀତ ହୋଇଛନ୍ତି। ସେ ୨୦୧୨ ରୁ ୨୦୧୭ ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ୧୯୯୮ ମସିହାରୁ ୨୦୨୨ ପର୍ଯ୍ୟନ୍ତ କବିସୂର୍ଯ୍ୟନଗର ବ୍ଲକ ସଭାପତି ଭାବେ କାର୍ଯ୍ୟ କରିଥିଲେ

# ଗୋପାଳବନ୍ଧ ହିଡ଼ରେ ଫୁଡ୍‌କୋର୍ଟ, ଦୋକାନ ଗୃହ ନିର୍ମାଣକୁ ବିରୋଧ

ପୁରୁଷୋତ୍ତମପୁର,୧୯।୨(ସବିତା ମିଶ୍ର)



ଗୋପାଳବନ୍ଧ ହିଡରେ ଚାଲିଥିବା ନିର୍ମାଣାଧୀନ କାର୍ଯ୍ୟ।

## ଐତିହ୍ୟ ହରାଉଛି ଐତିହାସିକ ଗୋପାଳବନ୍ଧ

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ୯ ନଂ. ୱାର୍ଡ ରେ ଥିବା କିମ୍ବଦନ୍ତୀପୂର୍ଣ୍ଣ ଐତିହାସିକ ଗୋପାଳବନ୍ଧଟି ଦୀର୍ଘବର୍ଷ ହେଲା ଅବହେଳିତ ଅବସ୍ଥାରେ ପଡିରହି ତାର ଐତିହ୍ୟ ହରାଉଥିବାରୁ ଏହାର ପୁନଃରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ ଲାଗି ସହରବାସୀ ଦୀର୍ଘ ବର୍ଷ ହେଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ। ଗତ ୨୦୨୪ରେ ଗୋପାଳବନ୍ଧର ପଶ୍ଚିମ ପାର୍ଶ୍ୱରୁ ପ୍ରାୟ ୧୫ ଫୁଟରୁ ଊର୍ଦ୍ଧ୍ୱ ଜାଗାକୁ ପୋତି ଗାର୍ଡୱାଲ ନିର୍ମାଣ କରି ସେହି ସ୍ଥାନରେ ବରିଷ୍ଠ ନାଗରିକଙ୍କ ପାଇଁ ଚିତ୍ତ ବିନୋଦନ ଲାଗି ଏକ ପାର୍କ ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କରିବାକୁ ଏନଏସି ପ୍ରଶାସନ କାର୍ଯ୍ୟ ଆରମ୍ଭ କରିଥିଲା। ମାତ୍ର ପାର୍କ ଓ ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ କରିବା ପରିବର୍ତ୍ତେ ତରବରିଆ ଭାବରେ କେବଳ ବନ୍ଧକୁ ପୋତି ଗାର୍ଡୱାଲ କରିଦେଇ ଅଧାରୁ କାମ ବନ୍ଦକରି ଦେଇଥିଲା। ବର୍ତ୍ତମାନ ଏନଏସି ବରିଷ୍ଠ ନାଗରିକ ଓ ସହରବାସୀଙ୍କ ପାଇଁଆରମ୍ଭ କରିଥିବା କାର୍ଯ୍ୟକୁ ଉପେକ୍ଷା କରି ସୌନ୍ଦର୍ଯ୍ୟକରଣ, ପାର୍କ କରିବା ବଦଳରେ ସେଠାରେ ଫୁଡକୋର୍ଟର ଦୋକାନ ଗୃହ ନିର୍ମାଣ କରିବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି। ଏହାକୁ ଅଞ୍ଚଳର ନାଗରିକ, ଜନସାଧାରଣ, ବୁଦ୍ଧିଜୀବୀ ଏହି ଫୁଡକୋର୍ଟ ଦୋକାନଗୃହ ନିର୍ମାଣକୁ ତୀବ୍ର ବିରୋଧ କରିଛନ୍ତି। ତୁରନ୍ତ ଏହି କାର୍ଯ୍ୟକୁ ବନ୍ଦକରି ସେଠାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବାକୁ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଏହି ବନ୍ଧର ଉତ୍ତରପାର୍ଶ୍ୱକୁ କେତେ ଜଣ ବ୍ୟକ୍ତି ଜବରଦଖଲ କରି ରହିବା ସହ ସେଠାରେ ପାଇଖାନା ନିର୍ମାଣ କରି ପାଇଖାନାର ମଇଳା ପାଣି ବନ୍ଧକୁ ଛାଡୁଛନ୍ତି। ଉକ୍ତ ପାଣି ବନ୍ଧରେ ମିଶି ବନ୍ଧ ପାଣିକୁ ଦୂଷିତ କରୁଛି। ଫଳରେ ବନ୍ଧପାଣି ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଏହି ବେଆଇନ ଜବରଦଖଲକୁ ମଧ୍ୟ ତୁରନ୍ତ ହଟାଇବାକୁ ସହରବାସୀ ଦାବି କରିଛନ୍ତି। ମା' ଦଣ୍ଡକାଳୀଙ୍କ ଯାତ୍ରା ଆସନ୍ତା ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ଏହା ଦୀର୍ଘ ୨୧ ଦିନ ଧରି ଏହି ବନ୍ଧରେ ହିଁ ଯାତ୍ରାର ଅଧିକାଂଶ ନୀତି ଚାଲିବ। ଗଛଲତାରେ ପରିପୂର୍ଣ୍ଣ ହୋଇ ଅପରିସ୍କାର ଭାବେ ପଡିଥିବା ଏହି ଗୋପାଳବନ୍ଧକୁ ପରିଷ୍କାର ପରିଚ୍ଛନ୍ନତା କରିବା ଲାଗି ଏକ ଦାବିପତ୍ର ଏନଏସି ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଜିଲାପାଳ, ପିଡି ଡୁଡା ଓ ଖଲ୍ଲିକୋଟ ବିଧାୟକଙ୍କ ନିକଟକୁ ମଧ୍ୟ ଦାବିପତ୍ର ପଠାଯାଇଛି। ଏହାକୁ ନେଇ ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ସହରି ବିକାଶ ଯୋଜନା ପ୍ରକଳ୍ପର ଅନୁମୋଦନ ହୋଇ ଆସିଥିଲା। ଏଠାରେ ଥିବା ଖୋଲାସ୍ଥାନର ଉନ୍ନତିକରଣ ସହ ଏକ ଫୁଡକୋର୍ଟ କରିବାର ଯୋଜନା ରହିଥିଲା। ମାତ୍ର ସେଥିମଧ୍ୟରୁ କେବଳ ଫୁଡକୋର୍ଟକୁ ସେଠାରେ ନ କରିବା ଲାଗି ସହରବାସୀ ଦାବି କରିଛନ୍ତି। ବର୍ତ୍ତମାନ ଫୁଡକୋର୍ଟ ଦୋକାନଗୃହ ନିର୍ମାଣ ଲାଗି ଟେଣ୍ଡର ହୋଇନାହିଁ। କେବଳ ଖୋଲାସ୍ଥାନର ଉନ୍ନତିକରଣ ଲାଗି ଟେଣ୍ଡର ହୋଇ କାର୍ଯ୍ୟ ଚାଲୁରହିଛି। ବରିଷ୍ଠ ନାଗରିକଙ୍କୁ ଆମେ ଗୁରୁତ୍ୱ ଦେଉଛୁ। ସେମାନଙ୍କ ସୁବିଧା ଲାଗିମଧ୍ୟ ପ୍ରକଳ୍ପମାନ କରିବାର ଯୋଜନା ରହିଛି। ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱଦେଇ ସେମାନଙ୍କ ଦାବି ଜିଲାପାଳ ଓ ନଗରଉନ୍ନୟନ ବିଭାଗକୁ ଜଣାଇବୁ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

